**OFFICE OF THE TAHASILDAR, NILGIRI**

***Email – tah.nilgiri-od@nic.in Telephone – 06782-233233***


*Letter No.* 3332 *Date* 23.06.25

To

**The District e-governance Manager, Collectorate, Balasore.**

Sub-: Uploading of proclamation notice for auction vehicle stand at Panchalingeswar Pitha for the year 2025-26.

Sir,

With reference to the subject cited above, I am to request you kindly upload the proclamation notice (Copy enclosed) to public for auction of vehicle stand at Panchalingeswar Pitha for the year 2025-26 in the District website for wide publicity.

This is for favour of kind information and necessary action.

Yours faithfully,

24/06/25

Tahasildar, Nilgiri

Scanned with OKEN Scanner

# ସର୍ବସାଧାରଣ ନୋଟିସ

ଏତଦ ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉଅଛି କି ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କ ପୀଠରେ ଥିବା ଗାଡ଼ି ଷ୍ଟାଣ୍ଡ (Vehicle stand) ର 2025-2026 ଆର୍ଥିକ ବର୍ଷ ନିମନ୍ତେ ନିଲାମ ପାଇଁ ପଞ୍ଚଲିଙ୍ଗେଶ୍ୱର ଉନ୍ନୟନ କମିଟି ତରଫରୁ ତହସିଲଦାର, ନୀଳଗିରିଙ୍କ କାର୍ଯ୍ୟାଳୟରେ ଆସନ୍ତା ତା 25.07.2024 ରିଖ ଅପରାହ୍ନ 3.00 ଘଟିକା ସମୟରେ ପ୍ରକାଶ୍ୟ ନିଲାମ କରାଯିବ । ଯାହାକି ଆସନ୍ତା ତା. 01.08.2025ରିଖ ଠାରୁ ତା.31.03.2026 ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ମାନେ ଧାର୍ଯ୍ୟ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିମ୍ନ ସର୍ତ୍ତାବଳୀ ମୁତାବକ ନିଲାମରେ ଭାଗ ନେଇପାରିବେ ।

## ନିଲାମର ସର୍ତ୍ତାବଳୀ

1. ନିଲାମ ଡାକିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ମାନେ କର୍ତ୍ତୃପକ୍ଷ ଙ୍କ ଦ୍ୱାରା ସ୍ଥିରିକୃତ ନିଲାମ ମୂଲ୍ୟର ଏକ ଚତୁର୍ଥାଂଶ ଅର୍ଥ ଅମାନତ ରୂପେ ଜମା ଦେବାକୁ ପଡିବ ।
2. କେବଳ ଅମାନତ ଜମାକାରୀ ବ୍ୟକ୍ତିମାନେ ନିଲାମରେ ଅଂଶ ଗ୍ରହଣ କରି ପାରିବେ ।
3. ଯେଉଁ ବ୍ୟକ୍ତିଙ୍କର ନିଲାମ ଡାକ ଗ୍ରହଣୀୟ ନହେବ ସେମାନଙ୍କୁ ନିଲାମ ଡାକିବାପରେ ଅମାନତ ଫେରସ୍ତ କରାଯିବ ।
4. ଯେଉଁ ବ୍ୟକ୍ତିଙ୍କର ସର୍ବୋଚ୍ଚ ନିଲାମ ଡାକ ଗ୍ରହଣୀୟ ହେବ, ସେହି ବ୍ୟକ୍ତି ନିଲାମ ଡ଼ାକିଥିବା ସମସ୍ତ ଅର୍ଥ ଏକକାଳୀନ ସେହିଦିନ କିମ୍ବା ସର୍ବାଧିକ ଦୁଇ ଦିନ ମଧ୍ୟରେ ଦାଖଲ କରିବେ । ଯଦି ସେ ବ୍ୟକ୍ତି ନିଲାମ ଡ଼ାକିଥିବା ସମସ୍ତ ଟଙ୍କା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦାଖଲ କରିବାକୁ ଅକ୍ଷମ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ପୁନଃ ନିଲାମ କରାଯିବ କିମ୍ବା ଦ୍ୱିତୀୟ ସର୍ବୋଚ୍ଚ ଡକାଳୀଙ୍କ ଡାକ ଗ୍ରହଣୀୟ ହେବ ଏବଂ ତାଙ୍କ ନାମରେ ଫୈସଲା କରାଯିବ । ତାହା କର୍ତ୍ତୃପକ୍ଷ ଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ । ଏପରି ସ୍ଥଳେ ପ୍ରଥମ ବ୍ୟକ୍ତି ତତ ଜନିତ କ୍ଷୟକ୍ଷତିର ଭରଣା ପାଇଁ ଦାୟୀ ରହିବେ । ଏ ବାବଦକୁ ସମସ୍ତ ପ୍ରାପ୍ୟ ସାର୍ଟିଫିକେଟ ମୋକଦ୍ଦମା ଦାଏର କରି ରାଜସ୍ୱ ଆଦାୟ ଭଳି ଆଦାୟ କରାଯିବ ।
5. ସର୍ବୋଚ୍ଚ ନିଲାମ ଡାକ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବାପରେ କାର୍ଯ୍ୟାଦେଶ ସର୍ବୋଚ୍ଚ ଅର୍ଥ ନିଲାମ ଧାରୀଙ୍କୁ ପ୍ରଦାନ କରାଯିବ ।
6. କ୍ଷମତା ପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ଡାକ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ।
7. କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ନିଲାମ ରଦ୍ଦ କରିପାରିବେ ।

**ନିଲାମ ଧାର୍ଯ୍ୟ ମୂଲ୍ୟ 2024-25 ଆର୍ଥିକ ବର୍ଷ ନିମନ୍ତେ (ତା.01.08.2025 ରିଖ ଠାରୁ ତା.31.03.2026 ରିଖ ପର୍ଯ୍ୟନ୍ତ)**

1. ଗାଡ଼ି ଷ୍ଟାଣ୍ଡ (Vehicle stand) ଟ.25,00,000/- ଅମାନତ ଟ.6,25,000/-

ତହସିଲଦାର, ନୀଳଗିରି- ତଥା- କାର୍ଯ୍ୟ ନିର୍ବାହୀ ଅଧିକାରୀ

ପଞ୍ଚଲିଙ୍ଗେଶ୍ୱର ଉନ୍ନୟନ କମିଟି

Scanned with OKEN Scanner

ପରିପତ୍ର ସଂଖ୍ୟା ୩୩୩୩ ତା ୨୩/୦୬/୨୪ ରିଖ

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ନୀଳଗିରି/ ତହସିଲଦାର, ନୀଳଗିରି/ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ନୀଳଗିରି / ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଔପଦା /ସରପଞ୍ଚ, ଶ୍ୟାମସୁନ୍ଦରପୁରଗ୍ରା. ପ./ସରପଞ୍ଚ , ବାଉଁଶବଣିଆ ଗ୍ରା.ପ./ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟ ବୋର୍ଡ , ଅଫିସ / ସାନ୍ତରା ଗଡିଆ ରାଜସ୍ବ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଆଇ.ଆଇ.ସି, ନୀଳଗିରି ଥାନାଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ଏବଂ ତାଙ୍କୁ ଅନୁରୋଧ କରାଗଲାକି ସେ ଆବଶ୍ୟକ ସଂଖ୍ୟକ ପୋଲିସ କର୍ମଚାରୀ ଧାର୍ଯ୍ୟ ତାରିଖରେ ମୁତୟନ କରିବେ ।

ତହସିଲଦାର, ନୀଳଗିରି- ତଥା- କାର୍ଯ୍ୟ ନିର୍ବାହୀ ଅଧିକାରୀ
ପଞ୍ଚଲିଙ୍ଗେଶ୍ୱର ଉନ୍ନୟନ କମିଟି

Scanned with OKEN Scanner